ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୧ ନଭେମ୍ବର, ୨୦୨୩



## ଟ୍ରାକ୍ଟର ଧକ୍କାରେ ବାପ, ପୁଅ ଗୁରୁତର

ଦିଗପହଣ୍ଡି(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବିଦ୍ୟୁତ ସବ୍ ଷ୍ଟେସନ ସମ୍ମୁଖ ମୁଖ୍ୟରାସ୍ତାରେ ଶୁକ୍ରବାର ଟ୍ରାକ୍ଟର ଧକ୍କାରେ ତିଳେଶ୍ୱର ଗ୍ରାମର ଉଜ୍ଜଳ ସେଠୀ ଓ ପୁଅ ନାରାୟଣ ଗୁରୁତର ଆହତ ହୋଇଛନ୍ତି। ଉଜ୍ଜଳଙ୍କ ଶରୀର ଅସୁସ୍ଥତା କାରଣରୁ ନାରାୟଣ ବାଇକ ଯୋଗେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ଏକ ଟ୍ରାକ୍ଟର ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଉଭୟଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

**ସଂକ୍ଷେପରେ**

### ଡକାୟତି ମାମଲା, ୫ ଗିରଫ

ଭଞ୍ଜନଗର, ୧୦।୧୧(ବାବୁଲା ପ୍ରଧାନ)

ଭଞ୍ଜନଗର ପୋଲିସ ଶୁକ୍ରବାର ଏକ ଡକାୟତି ମାମଲାରେ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶିବା ନାୟକ, ଶଙ୍କର ଦଲେଇ, ସୁଜିତ ଗୌଡ, ରଞ୍ଜିତ କୁମାର ସ୍ୱାଇଁ ଓ ସଂଗ୍ରାମ ଗୌଡ। ପ୍ରକାଶ ଯେ, ଜି ଉଦୟଗିରିର ସଂଗ୍ରାମ ନାୟକ ଗତ ୮ ତାରିଖରେ ଭଞ୍ଜନଗର ଆସି ଗ୍ରାମକୁ ଫେରୁଥିଲେ। ବାଟରେ ଖାରିଗୁଡା ଟୋଲ ଗେଟ ଠାରେ ସଂଗ୍ରାମ ମୁଣ୍ଡ ବ୍ୟଥା ହେବାରୁ କିଛି ସମୟ ସେଠି ଅଟକିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଆସି ତାଙ୍କ ଠାରୁ ନଗଦ ୫ ହଜାର ଟଙ୍କା ଓ ପରେ ପେଟିଏମ ମାଧ୍ୟମରେ ଆଉ ୫୦ ହଜାର ଟଙ୍କା ଲୁଟି ନେଇଥିଲେ। ପୋଲିସ ତଦନ୍ତ କରି ୫ ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ଠାରୁ ୩୮ ହଜାର ଟଙ୍କା ଉଦ୍ଧାର କରାଯାଇଛି। ଗୋଟିଏ ବୋଲେରୋ ଗାଡ଼ି, ୪ ଟି ମୋବାଇଲ ଫୋନ, ୨ ଟି ଛୁରୀ ସମେତ ଅନ୍ୟାନ୍ୟ ଜିନିଷ ଜବତ କରାଯାଇଛି ବୋଲି ଥାନା ଅଧିକାରୀ ଭଗବାନ ପୂଜାରୀ କହିଛନ୍ତି।

### ପ୍ରଥମ ବିଶ୍ୱ ପ୍ରକୃତି ଚିନ୍ତନ ଦିବସ

ଆସିକା, ୧୦।୧୧ (ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକ ଅନ୍ତର୍ଗତ ବାବନପୁରଠାରେ ଶୁକ୍ରବାର ଗ୍ରୀନ ଅର୍ଗାନିକ ଡେଭଲପମେଣ୍ଟ ପକ୍ଷରୁ ପ୍ରଥମ ବିଶ୍ୱ ପ୍ରକୃତି ଚିନ୍ତନ ଦିବସ ପାଳିତ ହୋଇଥିଲା । ସଂସ୍ଥାର ଅଧ୍ୟକ୍ଷ ତଥା ବାବନପୁର ସରପଞ୍ଚ ସଂଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଭୁବନେଶ୍ୱର ଏମସର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଅଶୋକ ମହାପାତ୍ର ଏବଂ ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ଆରତୀ ଦେବୀ, ସୁରେଶ ପଣ୍ଡା, ସୁରେନ୍ଦ୍ରନାଥ ପଣ୍ଡା, ରତିକାନ୍ତ ପ୍ରତିହାରି, ବନଶ୍ରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଆସିକା-ବାଲିପଦର ରାସ୍ତାର ବାବନପୁର ଠାରୁ ଅନତି ଦୂରରେ ଗଡଗଡିଆ ପାହାଡ ପାଦ ଦେଶରେ ପ୍ରକୃତିମାତାଙ୍କ ଏକ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା।

### ଅଗ୍ନି ବିପନ୍ନଙ୍କ ନିକଟରେ ପହଞ୍ଚିଲେ ଭାଜପା ନେତା

କୋଦଳା, ୧୦।୧୧(ଅମିତ କୁମାର ପଟ୍ଟନାୟକ):

କୋଦଳାସ୍ଥିତ ଉପକାରାଗାର ପଛ ପାଖରେ ଥିବା ଏକ ସାହିରେ ଗତ ୪ ତାରିଖରେ ଅଗ୍ନିକାଣ୍ଡ ଘଟି ୩ ଜଣଙ୍କ ଘର ପୋଡି ପାଉଁଶ ହୋଇଯାଇଥିଲା। ସେହି ଅଗ୍ନି ବିପନ୍ନଙ୍କ ନିକଟରେ ପହଞ୍ଚିଛନ୍ତି କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ବରିଷ୍ଠ ଭାଜପା ନେତା ପ୍ରତାପ ଚନ୍ଦ୍ର ନାୟକ। ଅଗ୍ନିବିପନ୍ନ ଯୋଗୀ ପାତ୍ର, ହାଡୁ ବେହେରା ଏବଂ ବୁଦ୍ଧିଆ ସେଠିଙ୍କ ପରିବାରକୁ ଭେଟି ଖାଇବା ସାମଗ୍ରୀ ଓ ଆର୍ଥିକ ସହାୟତା ପ୍ରଦାନ କରିବା ସହ ତୁରନ୍ତ ସରକାରୀ ସହାୟତା ଦେବା ପାଇଁ ଦାବି କରିଛନ୍ତି। ବିପନ୍ନଙ୍କ ନିକଟରେ କୋଦଳା ଉପାଧ୍ୟକ୍ଷା ରଞ୍ଜିତା ସେଠି, କାଉନସିଲର ସୂର୍ଯ୍ୟାଂଶୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମଜୁରି ଘୋଷଣା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଛତ୍ରପୁର, ୧୦।୧୧
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ଜିଲାର ଚିକିଟି ଏବଂ ପାତ୍ରପୁର ବ୍ଲକରେ ପ୍ରାୟ ସମସ୍ତ ଜମିରେ ବର୍ଷା ଅଭାବରୁ ଧାନ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଲୋକେ ଗୋରୁ ଗାଈ ମଧ୍ୟ ଉକ୍ତ ଜମିରେ ଛାଡିସାରିଲେଣି। ଏପରି ସ୍ଥିତିକୁ ଗୁରୁତର ସହିତ ବିଚାର କରି କୃଷି ବିଭାଗ ଓ ରାଜସ୍ୱ ବିଭାଗ ଦ୍ୱାରା ଯୁଗ୍ମ ତଦନ୍ତ କରି ପ୍ରତ୍ୟେକ ଚାଷୀର କ୍ଷତି ଆକଳନ କରି ନିର୍ଭୁଲ ତଥ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରି ସହାୟତା ପ୍ରଦାନ କରିବାକୁ ଭାଜପା ଦାବି କରିଛି। ଏହି ଦାବିରେ ଶୁକ୍ରବାର ଭାଜପା ସଦସ୍ୟ, ଚିକିଟି ଓ ପାତ୍ରପୁର ବ୍ଲକର ଚାଷୀଙ୍କ ପକ୍ଷରୁ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ କରାଯାଇଛି। ପାତ୍ରପୁର




ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ଓ ଚିକିଟି ଦୁଇଟି ଯାକ ବ୍ଲକକୁ ସଂପୂର୍ଣ୍ଣ ମରୁଡି ଘୋଷଣା କରିବା ସହିତ ଚାଷୀ ନେଇଥିବା କୃଷି ଋଣ ଛାଡ଼ କରିବାକୁ ଦାବି କରିଛି। ଚଳିତ ରବି ଋତୁରେ ଚାଷୀ ଯେପରି ଅଣଧାନ ଫସଲ ଯଥା- ଡାଲିଜାତୀୟ ଓ ତୈଳବିକ ଜାତୀୟ ଚାଷ ନିମନ୍ତେ ବିହନ ଓ ସାର ପର୍ଯ୍ୟାପ୍ତ ପରିମାଣରେ ମାଗଣାରେ ଯୋଗାଇଦିଆଯାଉ। ଆଗାମୀ ଦିନରେ ଚାଷୀର ଜଳସେଚନର ସୁବିଧା ନିମନ୍ତେ ବାହୁଦା ଆନିକଟରେ ବ୍ୟାରେଜ ନିର୍ମାଣ ସହିତ ବାହୁଦା ଆନିକଟର ଉପର ମୁଣ୍ଡର ହୋଇଥିବା ମେଘା ପ୍ରକଳ୍ପକୁ ବନ୍ଦ କରାଯାଉ। ତତ୍‌ସହିତ ବାଘଲଟିର ଦକ୍ଷିଣ ପାର୍ଶ୍ୱ କେନାଲକୁ ସର୍ଭେ କରାଯାଇ ସଂପ୍ରସାରଣ କରି ଚାଷୀର ଜମିକୁ ଜଳ ଯୋଗାଣର ବ୍ୟବସ୍ଥା କରାଯାଉ। ଚିକିଟି ଓ ପାତ୍ରପୁର ବ୍ଲକରେ ଅଟକ ଥିବା ଉଠା ଜଳସେଚନ ପ୍ରକଳ୍ପ ଗୁଡିକୁ କାର୍ଯ୍ୟକ୍ଷମ କରିବା ସହିତ ବକେୟା ଥିବା ବିଦ୍ୟୁତ ଋଣ ସଂପୂର୍ଣ୍ଣ ଛାଡ଼ କରାଯାଉ । କ୍ଷୁଦ୍ର ଜଳସେଚନ ଯୋଜନାରେ ଥିବା ପୋଖରୀଗୁଡିକର ପୁନୋରୁଦ୍ଧାର କରି ତାର ଜମିକୁ ପାଣି ଯୋଗାଇବାର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ନଚେତ ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟି ଆନ୍ଦୋଳନକୁ ଆହୁରି ତୀବ୍ରତର କରିବାକୁ ବାଧହେବେ ବୋଲି ଚେତାବନୀ ଦିଆଯାଇଛି। ଏଥିରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଅନାଦି ଚରଣ ପଣ୍ଡା, ଇଂ ବାଳକୃଷ୍ଣ ରେଡ୍ଡୀ, ପ୍ରଶାନ୍ତ କର, ପ୍ରଦୀପ ପାଢ଼ୀ, କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ସାମିଲ ଥିଲେ।

## ମୁକ୍ତା ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ

ଛତ୍ରପୁର, ୧୦।୧୧ (ଦିଲ୍ଲୀପ ସାମଲ):

ଛତ୍ରପୁର ଏନଏସି ପକ୍ଷରୁ ମୁକ୍ତା ଯୋଜନା ଆନୁକୂଲ୍ୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପ୍ରଦାନ କରାଯାଇ ସେମାନଙ୍କୁ ସ୍ୱାବଲମ୍ବୀ କରାଯାଉଛି । ସେମାନେ ଦି ପଇସା ରୋଜଗାର କରି ନିଜେ ସ୍ୱାବଲମ୍ବୀ ହେବା ସହ ନିଜ ପରିବାର ପ୍ରତିପୋଷଣ କରିବାରେ ସମର୍ଥ ହୋଇପାରୁଛନ୍ତି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ୫ ନଂ ୱାର୍ଡ ଅଧୀନ ନାଗୁଲୁପେଟା ତୋଟାସାହି ବାସିନ୍ଦାଙ୍କ ସୁବିଧା ନିମନ୍ତେ ଶ୍ରୀ କଲ୍ୟାଣୀ ଏସ୍‌ଏଚ୍‌ଜି ଗ୍ରୁପ ପକ୍ଷରୁ ମୁକ୍ତା ଯୋଜନା ଆନୁକୂଲ୍ୟରେ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଏଥିରେ ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପାରାଓ, ୫ନଂ ୱାର୍ଡ କାଉନସିଲର ଡି. ଇନ୍ଦୁ , ଶ୍ରୀ କଲ୍ୟାଣୀ ଏସଏଚଜି ଗ୍ରୁପର ସଭାନେତ୍ରୀ ଏସ. ବାସନ୍ତୀ, ସମ୍ପାଦିକାଙ୍କ ସମେତ ଗ୍ରୁପର ଅନ୍ୟାନ୍ୟ ସଦସ୍ୟ, କନିଷ୍ଠ ଯନ୍ତ୍ରୀ ଜ୍ୟୋସ୍ନାମୟୀ ଜେନା, ଛତ୍ରପୁର ଏନଏସିର ଏମ୍‌ଇ ଜୟ ଜଗଦୀଶ ପାଢ଼ୀ, ଆଇଇ ଚିରଞ୍ଜୀବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଛତ୍ରପୁର, ୧୦।୧୧
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଛତ୍ରପୁରସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଦୁଇ ଦିବସୀୟ ବାର୍ଷିକ କ୍ରୀଡ଼ା ସ୍ଥାନୀୟ ଛତ୍ରପୁର ଷ୍ଟାଡିୟମଠାରେ ଶୁକ୍ରବାର ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ମହାବିଦ୍ୟାଳୟର କ୍ରୀଡା ସଂସଦର ସଭାପତି ଡଃ ପ୍ରମୋଦ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ। କ୍ରୀଡ଼ା ସଂସଦର ଉପସଭାପତି ଡ. ଅଜିତ କୁମାର ସେଠୀ ଏବଂ ସହକାରୀ ଉପସଭାପତି ବିଷ୍ଣୁ ଚରଣ ବେହେରା ଉତ୍ସବକୁ ପରିଚାଳନା କରିଥିଲେ। ଛତ୍ରପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର କ୍ରୀଡାଶିକ୍ଷୟିତ୍ରୀ ସୁଜାତା ପାତ୍ର, ୟୁରୋକିଡ଼ସ ବିଦ୍ୟାଳୟର କ୍ରୀଡାଶିକ୍ଷକ ସନ୍ତୋଷ ଗୌଡ଼, ଅଗସ୍ତି ନୂଆଗାଁ ବିଦ୍ୟାଳୟର କ୍ରୀଡାଶିକ୍ଷକ କେ. ସୁନୀଲ ପାତ୍ର, ଟିକଲଖଣ୍ଡି ବିଦ୍ୟାଳୟର କ୍ରୀଡାଶିକ୍ଷକ ପ୍ରିୟରଞ୍ଜନ ପାତ୍ର ଏବଂ ଏନ ନୂଆଗାଁ ବିଦ୍ୟାଳୟର ସୁଶାନ୍ତ କୁମାର ଦାସ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଥମ ଦିନରେ ଦୌଡ଼, ଲଙ୍ଗଜମ୍ପ, ସଟପୁଟ୍ ଥ୍ରୋ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ଗଞ୍ଜାମ ଷ୍ଟେଶନରେ ପୁରୀ-ତିରୁପତି ଏକ୍ସପ୍ରେସ ରହଣି ଦାବି

ଗଞ୍ଜାମ, ୧୦।୧୧(ବିଦ୍ୟାଧର ସାହୁ):

ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଗଞ୍ଜାମ ରେଳ ଷ୍ଟେଶନରେ ପୁରୀ-ତିରୁପତି ଦ୍ରୁତଗାମୀ ଟ୍ରେନ ରହଣି ଦାବି ନେଇ ଶୁକ୍ରବାର ଏକ ସ୍ମାରକପତ୍ର ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ଉପସ୍ଥିତିରେ ଦକ୍ଷିଣପୂର୍ବ ରେଳବିଭାଗ ଜିଏମ ମନୋରଞ୍ଜନ ଅନୁଶର୍ମାଙ୍କୁ ବରିଷ୍ଠ ନାଗରିକ ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା, ମଙ୍ଗରାଜ ପଣ୍ଡା, ବ୍ରଜ ପାଣିଗ୍ରାହୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗଞ୍ଜାମ ଷ୍ଟେଶନରେ ବହୁ ବର୍ଷ ହେଲା ହିରାଖଣ୍ଡ ଓ ପୁରୀ-ତିରୁପତି ଏକ୍ସପ୍ରେସ ଟ୍ରେନ ରହୁଥିଲା।



ବରିଷ୍ଠ ନାଗରିକମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।।

କୋଭିଡ ସମୟରୁ ଏହି ଦୁଇ ଟ୍ରେନ ରହଣି ବାତିଲ କରି ଦିଆଯାଇଥିବାରୁ ଧାରଣା ଦିଆଯାଇଥିଲା। ଧାରଣାର କିଛି ଦିନ ପରେ ହୀରାଖଣ୍ଡ ଏକ୍ସପ୍ରେସ ରହଣି କରୁଥିଲେ ମଧ୍ୟ ପୁରୀ – ତିରୁପତି ଏକ୍ସପ୍ରେସ ରହୁନି। ତେଣୁ ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା ଭୁବନେଶ୍ୱର ଯାଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

### ଯୌତୁକ ନିର୍ଯାତନା ମାମଲା ସ୍ୱାମୀଙ୍କୁ ୬ ମାସ ଜେଲ

ବୁଗୁଡା, ୧୦।୧୧(କାଳିଚରଣ ଦାଶ)

ବୁଗୁଡା ଜେଏମ୍‌ଏଫସି କୋର୍ଟ ୨୦୦୭ ମସିହାରେ ବୁଗୁଡ଼ା ଥାନା ଅନ୍ତର୍ଗତ ନୂଆଁ ଦଦରାଖୋଲ ଗ୍ରାମରେ ଘଟିଥିବା ଏକ ଯୌତୁକ ନିର୍ଯାତନା ମାମଲାରେ ବିଚାର କରି ଅଭିଯୁକ୍ତଙ୍କୁ ୬ ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି। ପ୍ରକାଶ ଯେ, ଗତ ୨୨ ଅକ୍ଟୋବର ୨୦୦୭ରେ ନୂଆଁ ଦଦରାଖୋଲ ଗ୍ରାମର ତ୍ରିବେଣୀ ସାହୁ ସ୍ୱାମୀ ଖଲି ଓରଫ୍ ଟୁକୁନା ସାହୁଙ୍କ ବିରୁଦ୍ଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣି ବୁଗୁଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ପରିଣିତା ନାୟକ ଶୁକ୍ରବାର ଅଭିଯୁକ୍ତ ଟୁକୁନା ସାହୁଙ୍କୁ ୬ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମୁଦାଲାଙ୍କ ତରଫରୁ ଓକିଲ ସୁଜିତ ସ୍ୱାଇଁ ଓ ରଞ୍ଜନ କୁମାର ଦାଶ ଏବଂ ସରକାରଙ୍କ ପକ୍ଷରୁ ଏପିପି ରତନ କୁମାର ସିଂ ଓ ରବିନ୍ଦ୍ର କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ବିଜେଡିର ପ୍ରଶିକ୍ଷଣ ଶିବିର



ମୋହନା ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ନେତା ଓ କର୍ମୀ।

ଆର.ଉଦୟଗିରି/ ମୋହନା, ୧୦।୧୧
(ମନୋଜ କୁମାର ପାଢୀ/ମନ୍ମଥ ମିଶ୍ର)

ଆର.ଉଦୟଗିରି ବ୍ଲକ ଶବରପଲ୍ଲୀ ଗ୍ରାମରେ ଗୁରୁବାର ମୋହନା ନିର୍ବାଚନ ମଣ୍ଡଳୀର ଆର.ଉଦୟଗିରି ଓ ନୂଆଗଡ ବ୍ଲକ ବିଜେଡି କର୍ମୀଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ଯେଉଁ ସବୁ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ସେ ସମ୍ପର୍କରେ ଲୋକଙ୍କୁ କିପରି ଅଧିକ ସଚେତନ କରାଯାଇପାରିବ ସେ ସମ୍ପର୍କରେ ଦଳୀୟ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ସଭାପତି ଜଗବନ୍ଧୁ ଦାସଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ଡ. ସସ୍ମିତ ପାତ୍ର ଯୋଗଦେଇଥିଲେ। ଡ. ପାତ୍ର ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ ଓ ଛାତ୍ର କାର୍ଯ୍ୟକାରୀ ସଭାପତି ଅବିନାଶ ଠାକର ପ୍ରଶିକ୍ଷଣ ଦେଇଥିଲେ। ମୋହନା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ପୃଥ୍ୱୀରାଜ ସାହୁ, ଅନ୍ତର୍ଯ୍ୟାମୀ ଗମାଙ୍ଗ, ଉପାଧ୍ୟକ୍ଷ ବିଜୟଲକ୍ଷ୍ମୀ ପଟ୍ଟନାୟକ, ଜିଲାପରିଷଦ ସଭ୍ୟା ଯମୁନା ଦଳବେହେରା, କୋଷାଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ରଣସିଂ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ମୋହନା ବ୍ଲକରେ ତାଲିମ ପ୍ରଦାନ କାର୍ଯ୍ୟ ଶେଷ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ଜିଲା ପରିଷଦ ସଭ୍ୟ ଚନ୍ଦ୍ର କୁମାର ମଲ୍ଲିକ, ସୁନିଲ ବିଷୋୟୀ, ଗଜପତି ଏସଡିସି ସଭାପତି ମୋରୀୟମ ରଇତ, ରାୟଗଡ଼ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣାବାସି ନାୟକ, ଜେମସ ରାଇକା, ଲିଙ୍ଗରାଜ ପୂଜାରୀ, ହଡ଼ିଆ କନ୍ଧ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

ବୁଗୁଡ଼ା, ୧୦।୧୧(କାଳି ଚରଣ ଦାଶ)

ବୁଗୁଡା ବ୍ଲକ ଅନ୍ତର୍ଗତ ସୁବୁଦ୍ଧିପଲ୍ଲୀ ଗ୍ରାମରେ ଗ୍ରାମବାସୀଙ୍କ ସହଯୋଗରେ ୯ ଦିନ ଧରି ଚାଲିଥିବା ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗହଙ୍ଗୁ ମଠାଧୀଶ ରାଘବାନନ୍ଦ ଦାସ ପୂଜକ ଭାବେ ଦାୟିତ୍ୱ ସଂପାଦନ କରିଥିବା ବେଳେ ପ୍ରବଚକ ଭାବେ ପଣ୍ଡିତ କପିଳ ଚନ୍ଦ୍ର ନାୟକ ଯୋଗ ଦେଇ ରାମ କଥା ସଂପର୍କରେ ପ୍ରବଚନ ଦେଇଥିଲେ। ସନ୍ଧ୍ୟାରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଭକ୍ତଙ୍କ ସମାବେଶ ହୋଇଥିଲା।

### ‘ଜୁହାର ଆଞ୍ଜା’ ପୁସ୍ତକ ଉନ୍ମୋଚିତ

ପୁରୁଷୋତ୍ତମପୁର ୧୦।୧୧
(ସୀମାଞ୍ଚଳ ମିଶ୍ର):

ଗଞ୍ଜାମ ଜିଲାର ପ୍ରସିଦ୍ଧ ଇଷ୍ଟଦେବୀ ମା’ ତାରାତାରିଣୀ ମନ୍ଦିର ନିକଟରେ ଥିବା ଏକ ହୋଟେଲ ପରିସରରେ ଶୁକ୍ରବାର ବରିଷ୍ଠ କବି ଅଜୟ ପ୍ରଧାନଙ୍କ ଦ୍ୱାରା ‘ଜୁହାର ଆଞ୍ଜା’ କବିତା ସଂକଳନ ଉନ୍ମୋଚିତ ହୋଇଛି । ମୁଖ୍ୟ ଅତିଥି ଭାବେ ପୁରୁଷୋତ୍ତମପୁର ପୂର୍ବତନ ତହସିଲଦାର ତଥା ଗଞ୍ଜାମ ଜିଲା ସ୍ୱତନ୍ତ୍ର କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ସାହୁ ଯୋଗ ଦେଇଥିଲେ। ସାମାଜିକ ଚେତନା ତଥା ସମାଜରେ ଥିବା କିଛି ଚରିତ୍ରର ଜୀବନଧର୍ମୀ ସଂଘର୍ଷ ଓ ମାନବୀୟ ସମ୍ପର୍କରେ ଏହି କବିତା ସଂକଳନଟି ଓଡିଆ କବିତା କ୍ଷେତ୍ରରେ ଉଲ୍ଲେଖନୀୟ ଚିହ୍ନ ରଖିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ସେବାୟତ ବାପୁଜୀ ରଣା, କବି ଅଜୟ ପ୍ରଧାନ, ପ୍ରକାଶକ ସମରେନ୍ଦ୍ର ନାଥ ମହାପାତ୍ର ଏବଂ ବହୁ କବି ଓ ବରିଷ୍ଠ ନାଗରିକମାନେ ଯୋଗ ଦେଇଥିବା ବେଳେ ପ୍ରଣବ ପାଢଯୋଶୀ ଧନ୍ୟବାଦ ଦେଇଥିଲେ।

# କଂଗ୍ରେସର ପଦଯାତ୍ରା, ସାଙ୍ଗଠନିକ ସଭା

କୋଦଳା, ୧୦।୧୧(ଅମିତ କୁମାର ପଟ୍ଟନାୟକ)

ବେଗୁନିଆପଡା ବ୍ଲକ କଂଗ୍ରେସ ପକ୍ଷରୁ ୪୪ନଂ. ଜୋନରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସାଙ୍ଗଠନିକ ସଭା ଏବଂ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ବୁଲା ଜେନାଙ୍କ ନେତୃତ୍ୱରେ କୋଦଳା ଦଣ୍ଡେଶ୍ୱର ପୀଠରୁ କଂଗ୍ରେସ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ବାହାରିଥିଲେ। ବେରୁଆଁବାଡ଼ିସ୍ଥିତ ନୁଦୁବୁଦି କାଳୀ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ କରାଯାଇଥିଲା। ଏଥିରେ ପିସିସି ସଭ୍ୟ ବିଜୟ କୁମାର ସାହୁ, କବିସୂର୍ଯ୍ୟନଗର ବ୍ଲକ ସଭାପତି ଶରତ ଚନ୍ଦ୍ର ଦାସ, ପୁରୁଷୋତ୍ତମପୁର ବ୍ଲକ




ପଦଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

ସଭାପତି ପ୍ରଦୀପ କୁମାର ମହାରଣା, ପୁରୁଷୋତ୍ତମପୁର ନଗର ସଭାପତି ମନୋରଞ୍ଜନ ଦାସ, କବିସୂର୍ଯ୍ୟନଗର ନଗର ସଭାପତି ବସନ୍ତ ଗୌଡ଼, ବରିଷ୍ଠ ଯୁବ କଂଗ୍ରେସ ନେତା ମନମୋହନ ସାହୁ ପ୍ରମୁଖ ଯୋଗଦେଇ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ କ୍ରିଷ୍ଣା ଗିରି, ଗୋପତ ପରିଡା, ଧରଣୀ ବେହେରା, ଶ୍ରୀନିବାସ ପ୍ରଧାନଙ୍କ ସହ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ୫ଲକ୍ଷ ଟଙ୍କାର ତମାଖୁ ସହ ଟ୍ରକ୍ ଜବତ

ପାରଳାଖେମୁଣ୍ଡି, ୧୦।୧୧ (ଗିରିଧାରୀ ପରିଛା):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ନିକଟସ୍ଥ ରାଣୀପେଣ୍ଠ ଛକ ନିକଟରେ ବିପୁଳ ପରିମାଣର ନକଲି ତମାଖୁ ସହ ଏକ ଟ୍ରକ ଜବତ କରିଛି ପାରଳା ପୋଲିସ। ଜବତ ତମାଖୁର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ବ୍ରହ୍ମପୁରରୁ ଟ୍ରକ ଯୋଗେ ତମାଖୁ ଚାଲାଣ ହେଉଥିଲା। ତମାଖୁ କମ୍ପାନୀ ସହ ଯୋଗାଯୋଗ ପରେ ଏହା ନକଲି ତମାଖୁ ବୋଲି ଜଣାପଡିଥିଲା। ପୋଲିସ ମାମଲା ରୁଜୁ କରି ବ୍ରହ୍ମପୁର ବଡ଼ବଜାରର ରାଜେଶ୍ୱର ପାତ୍ରଙ୍କୁ ଗିରଫ କରିଥିବା ପୋଲିସ କହିଛି। ରାଜେଶ୍ୱର ପୂର୍ବରୁ ନକଲି ତେଲ ବ୍ୟବସାୟ କରୁଥିବା ଅଭିଯୋଗରେ ବ୍ରହ୍ମପୁରରେ ଗିରଫ ହୋଇଛି। ରାଜେଶ୍ୱରଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

# ବିଡିପୁର କଲେଜରେ ରକ୍ତଦାନ ଶିବିର

ଭଞ୍ଜନଗର, ୧୦।୧୧(ବାବୁଲା ପ୍ରଧାନ)

ବିଡିପୁର ତେନ୍ତୁଳିଆ ଶାସନ ଦେବସ୍ଥାନ ମହାବିଦ୍ୟାଳୟ ଯୁବ ରେଡ଼କ୍ରସ, ଜାତୀୟ ସେବା ଯୋଜନା ଏବଂ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ମିଳିତ ଭାବେ ଶୁକ୍ରବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ଼ଃ ରମଣୀ ରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଞ୍ଜନଗର ମେଡିକାଲ ଅଧୀକ୍ଷକ ଡାକ୍ତର ସୀତାଂଶୁ ଶେଖର ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡାକ୍ତର ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ। ଯୁବ ରେଡ଼କ୍ରସ ଜିଲା ସଂଯୋଜକ ଅଧ୍ୟାପକ ଦିଲୀପ କୁମାର ଆଚାର୍ଯ୍ୟ,




ଶିବିରକୁ ସଭାପତି ଉଦଘାଟନ କରୁଛନ୍ତି।

ଯୁବ ରେଡ଼କ୍ରସ ଅଧିକାରୀ ଅଧ୍ୟାପକ ବସନ୍ତ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୋଜନା ଅଧିକାରୀ ସୁଧୀର କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ କ୍ୟାପଟେନ ଦୀପକ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଯୋଜନା ଅଧିକାରିଣୀ ସଂଗୀତା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଶିବିରରେ ୬୧ ପ୍ୟାକେଟ୍ ରକ୍ତ ସଂଗୃହୀତ ହୋଇଥିଲା। ଭଞ୍ଜନଗର ବ୍ଲଡ଼ ବ୍ୟାଙ୍କ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ପ୍ରାଧ୍ୟାପକ ବଦ୍ରି ନାରାୟଣ ପାତ୍ର, ସୁକାନ୍ତ କୁମାର ପଣ୍ଡା, ଅଧ୍ୟାପକ ନିହାର ରଞ୍ଜନ ତ୍ରିପାଠୀ ରକ୍ତଦାନ କରିଥିଲେ।

# କନ୍ଧମାଳରେ ସବୁଠି ପଡ଼ିଲା ବନ୍ଦ ପ୍ରଭାବ

ଫୁଲବାଣୀ/ଫିରିଙ୍ଗିଆ/ ରାଇକିଆ/ ଜି.ଉଦୟଗିରି/ ଖଜୁରୀପଡ଼ା/ବାଲିଗୁଡ଼ା, ୧୦।୧୧ (ରାକେଶ କୁମାର ରାଉତ/ ବିକ୍ରମ ଦିଗାଲ/ପ୍ରଦୀପ ବେହେରା/ଶିଶିର ପଟ୍ଟନାୟକ/ବିଦୁର ବେହେରା/ସଞ୍ଜୟ ପାଣିଗ୍ରାହୀ):

କନ୍ଧମାଳ ଜିଲା ଫୁଲବାଣୀକୁ ରେଳ ପଥ ସଂଯୋଗ ଦାବିରେ କନ୍ଧମାଳ ବିକାଶ ପରିଷଦ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରା ଶୁକ୍ରବାର ସବୁଠି ଦେଖିବାକୁ ମିଳିଛି। ଏହି ବନ୍ଦକୁ ଜିଲାବାସୀ ସ୍ୱତଃପୂର୍ତ୍ତ ଭାବେ ସମର୍ଥନ ଦେଇଛନ୍ତି । ସକାଳେ ସରକାରୀ ଏବଂ ବେସରକାରୀ ବସ୍ ଗୁଡିକ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରି ନ ଥିଲା। ଗାଡ଼ି ଚଳାଚଳକୁ ବିକାଶ ପରିଷଦ କର୍ମକର୍ତ୍ତାମାନେ ଅଟକାଇ ଥିଲେ । ଫୁଲବାଣୀ ଗାନ୍ଧି ଛକ ଦେଇ ମାଦିକୁନ୍ଦାକୁ ଯାଇଥିବା ବାଇପାସ ରୋଡରେ ଗାଡିଗୁଡିକ ଲମ୍ବା ଧାଡିରେ ଠିଆ ହୋଇଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହେତୁ ଯାତାୟତରେ



ଫୁଲବାଣୀ ମାଦିକୁନ୍ଦା ଛକରେ ବିକାଶ ପରିଷଦ କର୍ମକର୍ତ୍ତା।

ଘୋର ଅସୁବିଧା ସୃଷ୍ଟି ହୋଇଥିଲା । ସେହିପରି ଦୋକାନ ବଜାର, ହୋଟେଲ ଆଦି ବନ୍ଦ ଥିବାରୁ ଲୋକେ ବହୁ ହଇରାଣର ଶୀକାର ହୋଇଛନ୍ତି। ଅନ୍ୟପଟେ ବିକାଶ ପରିଷଦର କର୍ମକର୍ତ୍ତାମାନେ ପିକେଟିଂ କରି ସହରର ଦୋକାନ ବଜାର ସମେତ ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନକୁ ବନ୍ଦ କରିଥିଲେ । ଏପରିକି ଜିଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟ ଅକାମୀ ହୋଇପଡିଥିଲା। ଏହି ବନ୍ଦ ପାଳନ ବେଳେ କୌଣସି ଠାରେ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିନାହିଁ। ପୋଲିସ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିକାଶ ପରିଷଦ ଆବାହକ ଗୋଲକ ବିହାରୀ କହଁରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଷଦ ସମ୍ପାଦକ ଜଗନ୍ନାଥ ସାହୁ, ଶିବାଶିଷ ପଣ୍ଡା, ଗୌତମ ମଲ୍ଲିକ, ସଂଜିତ୍ ପାତ୍ରଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ । ସେହିପରି ଜିଲାର ବାଲିଗୁଡ଼ା, ଖଜୁରିପଡ଼ା, ଜି. ଉଦୟଗିରି, ଟିକାବାଲି ଓ ରାଇକିଆରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଗୋପାଳପୁର-ସମ୍ବଲପୁର ଭାୟା ଫୁଲବାଣୀ ରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ସତ୍ତ୍ୱେ ରାଜ୍ୟ ସରକାରଙ୍କ ଅଧିନରେ ଥିବା ଓରିଡିଲ୍ ସଂସ୍ଥା ଶେଷ ପର୍ଯ୍ୟାୟ ସର୍ଭେ ବେଳେ ପୂର୍ବ ମାନଚିତ୍ରକୁ ପରିବର୍ତ୍ତନ କରିଛି । ନୂତନ ମାନଚିତ୍ରରେ ଏହି ପ୍ରକଳ୍ପରେ ଫୁଲବାଣୀକୁ ବାଦ୍ ଦିଆଯାଇଛି । ଏହାକୁ ନେଇ ରାଜ୍ୟ ସରକାରଙ୍କୁ ଏବଂ ସର୍ଭେ ସଂସ୍ଥା ଓରିଡିଲ୍‌କୁ ବାରମ୍ବାର ଦାବିପତ୍ର ପ୍ରଦାନ କରିବା ସତ୍ତ୍ୱେ କୌଣସି ଉତ୍ତର ଦିଆନଯିବାରୁ ବିକାଶ ପରିଷଦ ପକ୍ଷରୁ କନ୍ଧମାଳ ବନ୍ଦ ଡାକରା ଦିଆଯାଇଥିଲା।

